# NATIONAL NEWS BULLETIN (ODIA)

**9 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଜେପିର ଡବଲ ଇଞ୍ଜିନ ସରକାର ଉପରେ ଦେଶବାସୀ ଆସ୍ଥାପ୍ରକଟ କରୁଛନ୍ତି-କହିଲେ ପ୍ରଧାନମନ୍ତ୍ରୀ ।

- ଆମ୍ ଆଦ୍‌ମୀ ପାର୍ଟିର ପରାଜୟ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଆତିଶୀ ।

- ଆସନ୍ତାକାଲିଠାରୁ ଫ୍ରାନ୍ସ ଏବଂ ଆମେରିକା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ଛତିଶଗଡରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୧୨ଜଣ ମାଓବାଦୀ ନିହତ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ବିଶ୍ୱ ପୁସ୍ତକ ମେଳା ଆଜି ହେବ ଉଦ୍‌ଯାପିତ ।

ଏବଂ

- କଟକ ବାରବାଟୀ ଷ୍ଟାଡିୟମରେ ଚାଲିଛି ଭାରତ-ଇଂଲଣ୍ଡ ଚଳିତ ସିରିଜ୍‌ର ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ।

# ପିଏମ୍-ବିଜେପି ୱିନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶବାସୀ ବିଜେପିର ଡବଲ ଇଞ୍ଜିନ ସରକାର ଉପରେ ଆସ୍ଥାପ୍ରକଟ କରୁଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ ଦଳୀୟ କର୍ମୀଙ୍କୁ ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟଠାରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦିଲ୍ଲୀକୁ ଏବେ ବିଶ୍ୱସ୍ତରୀୟ ସହରାଞ୍ଚଳ ଭିତ୍ତିଭୂମି ମିଳିବ। ସେ କହିଛନ୍ତି, ଦିଲ୍ଲୀ କେବଳ ଏକ ସହର ନୁହେଁ ବରଂ ଏକ ମିନି ଭାରତ, ଯାହା 'ଏକ ଭାରତ, ଶ୍ରେଷ୍ଠ ଭାରତ' ଧାରଣା ସୃଷ୍ଟି କରୁଛି। ଶ୍ରୀ ମୋଦୀ ଏହି ଅବସରରେ ନାରୀଶକ୍ତିକୁ ଦିଆଯାଇଥିବା ପ୍ରତ୍ୟେକ ପ୍ରତିଶ୍ରୁତି ପୂରଣ ହେବ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଦିଲ୍ଲୀର ସବୁ ବର୍ଗର ମତଦାତା ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରି ବିଜେପିକୁ ବିପୁଳ ସମର୍ଥନ ଦେଇଛନ୍ତି ।

ଆମ ଆଦ୍‌ମୀ ପାର୍ଟିକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁର୍ନୀତିକୁ ବିରୋଧ କରୁଥିବା ଦଳ ଦୁର୍ନୀତିଗ୍ରସ୍ତ ସାବ୍ୟସ୍ତ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ଅଧ୍ୟକ୍ଷ ଜେ.ପି.ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ରାଜନୀତିକୁ ପରିବର୍ତ୍ତନ କରିଛନ୍ତି। ଆପ୍ ଭଳି ଦୁର୍ନୀତିଗ୍ରସ୍ତ ଦଳକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଶ୍ରୀ ନଡ୍ଡା ଦିଲ୍ଲୀବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ଦଳୀୟ କର୍ମୀଙ୍କୁ ପ୍ରଶଂସା କରିଛନ୍ତି।

# ଆତିଶୀ ରେଜିଗନେସନ

ଦିଲ୍ଲୀରେ ଆମ୍ ଆଦ୍ମୀ ପାର୍ଟିର ପରାଜୟ ପରେ ମୁଖ୍ୟମନ୍ତ୍ରୀ ଆତିଶୀ ଆଜି ସକାଳେ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଉପରାଜ୍ୟପାଳ ବିନୟ କୁମାର ସାକ୍ସେନାଙ୍କୁ ସେ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ଚଳିତ ବିଧାନସଭା ନିର୍ବାଚନରେ କାଲ୍କାଜୀ ଆସନରୁ ବିଜୟୀ ହୋଇଛନ୍ତି । ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏକ ଦୁର୍ନୀତି ଅଭିଯୋଗକୁ ନେଇ ନିଜ ପଦରୁ ଇସ୍ତଫା ଦେବା ପରେ ଆତିଶୀ ଗତବର୍ଷ ସେପ୍ଟେମ୍ବର ମାସରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ।

ଇତିମଧ୍ୟରେ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଗତକାଲିର ନିର୍ବାଚନ ଫଳାଫଳ ସ୍ପଷ୍ଟ ହେବା ପରେ ସପ୍ତମ ବିଧାନସଭାକୁ ଭଙ୍ଗ କରିଛନ୍ତି ।

ଭାରତୀୟ ଜନତା ପାର୍ଟି ମୋଟ୍ ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାରେ ୪୮ଟିରେ ବିଜୟଲାଭ କରିଛି ଏବଂ ଆମ୍ ଆଦ୍ମୀ ପାର୍ଟି ମାତ୍ର ୨୨ଟି ଆସନ ହାସଲ କରିଛି । ଚଳିତ ଫେବୃୟାରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଦିଲ୍ଲୀରେ ବିଜେପି ଦୀର୍ଘ ୨୬ବର୍ଷ ପରେ ପୁଣି ବିପୁଳ ବିଜୟ ହାସଲ କରି କ୍ଷମତା ଫେରିପାରିଥିବା ବେଳେ କଂଗ୍ରେସ ତା'ର ଖାତା ଖୋଲିପାରିନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରୁ ଫେରିବା ପରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଦଳୀୟ ନେତାମାନେ ସୂଚନା

ଦେଇଛନ୍ତି । ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା କହିଛନ୍ତି ଦିଲ୍ଲୀବାସୀଙ୍କର ଆଶା ଆକାଂକ୍ଷାକୁ ପୂରଣ କରି ଏକ ବିକଶିତ ଦୀଲ୍ଲୀ ଗଠନ କରିବାକୁ ବିଜେପି ପ୍ରତିଶ୍ରୁତିବଦ୍ଧ ।

# ପିଏମ୍-ଫ୍ରାନ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଫ୍ରାନ୍ସ ଓ ଆମେରିକା ଗସ୍ତରେ ଯିବେ। ପ୍ୟାରିସ୍‌ରେ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍‌ଙ୍କ ସହ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀରେ ସହ ଅଧ୍ୟକ୍ଷତା କରିବେ। ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କକୁ ପ୍ରୋତ୍ସାହନ ଦେବ। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩ ବିଲିୟନ୍ ଡଲାର ଅତିକ୍ରମ କରିଥିବାବେଳେ ପ୍ରତିରକ୍ଷା, ଭିତ୍ତିଭୂମି ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଭଳି ପ୍ରମୁଖ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଉଥିବା ରଣନୈତିକ ଦୃଷ୍ଟିରୁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉତ୍ତମ ଅର୍ଥନୈତିକ ସମ୍ପର୍କ ରହିଛି ଏବଂ ୭୦୦ରୁ ଅଧିକ ଫ୍ରାନ୍ସର କମ୍ପାନୀ ଭାରତରେ କାର୍ଯ୍ୟ କରୁଛନ୍ତି। ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଫ୍ରାନ୍ସ-ଇଣ୍ଡିଆର ଅଧ୍ୟକ୍ଷ କୁମାର ଆନନ୍ଦ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କ ବୃଦ୍ଧି ହେବାରେ ଲାଗିଛି।

ଫ୍ରାନ୍ସ ଗସ୍ତ ଶେଷ ହେବାପରେ ପ୍ରଧାନମନ୍ତ୍ରୀ ମୋଦୀ ଓ୍ୱାଶିଂଟନ ଯିବେ। ଏହି ଗସ୍ତ କାଳରେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ

ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ଅପ୍ରବାସନ ନୀତି ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ଆଶା କରାଯାଉଛି।

## ଛତିଶଗଡ-ଏନ୍‌କାଉଣ୍ଟର

ଛତିଶଗଡ ବିଜାପୁର ଜିଲ୍ଲା ଅନ୍ତର୍ଗତ ଜାତୀୟ ପାର୍କ ଜଙ୍ଗଲାଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ୧୨ଜଣ ମାଓବାଦୀ ନିହତ ହୋଇଛନ୍ତି । ୨ଜଣ ସୁରକ୍ଷା କର୍ମୀ ମଧ୍ୟ ସହିଦ ହୋଇଥିବା ଜଣାପଡିଛି । ଅନ୍ୟ ୨ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁରକ୍ଷା କର୍ମୀଙ୍କ ମିଳିତବାହିନୀ ପକ୍ଷରୁ ଆଜି ନ୍ୟାସନାଲ ପାର୍କ ଜଙ୍ଗଲାଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ତଲାସୀ ବେଳେ ମାଓବାଦୀ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ନିହତ ହୋଇଥିବା ୧୨ଜଣ ମାଓବାଦୀଙ୍କ ମୃତ ଶରୀରକୁ ଉଦ୍ଧାର କରାଯାଇଛି । ସେଠାରୁ ବହୁ ଅସ୍ତ୍ରଶସ୍ତ୍ର ଏବଂ ମାଓ ସାମଗ୍ରୀ ଜବତ କରାଯାଇଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ତଲାସୀ ଅଭିଯାନ ଜାରି ରହିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ୱାର୍ଲ୍ଡ ବୁକ୍ ଫେୟାର

ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ୯ ଦିନ ବ୍ୟାପୀ ଚାଲିଥିବା ବିଶ୍ୱ ପୁସ୍ତକ ମେଳା ଆଜି ଶେଷ ହେଉଛି । ନ୍ୟାସନାଲ ବୁକ୍ ଟ୍ରଷ୍ଟ ଓ ଇଣ୍ଡିଆ ଟ୍ରେଡ୍ ପ୍ରମୋଶନ ସଂସ୍ଥା ଦ୍ୱାରା ଆୟୋଜିତ ଏହି ପୁସ୍ତକ ମେଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ । ଆକାଶବାଣୀର ସମ୍ବାଦଦାତା ଜଣାଇଛନ୍ତି ଏହି ପୁସ୍ତକମେଳାରେ ପ୍ରାୟ ୨ହଜାର ପ୍ରକାଶକ ଓ ଏକହଜାର ବକ୍ତା ଯୋଗ ଦେଇଛନ୍ତି । ସାଧାରଣତନ୍ତ୍ର ଦିବସର ୭୫ବର୍ଷ ପୂର୍ତ୍ତିକୁ ସ୍ମରଣ କରି  ଚଳିତବର୍ଷ ପୁସ୍ତକ ମେଳାର ଶୀର୍ଷକ 'ୱି ଦ ପିପୁଲ ଅଫ୍ ଇଣ୍ଡିଆ' ରଖାଯାଇଛି । ଏହି ୯ ଦିନ ବ୍ୟାପୀ ପୁସ୍ତକ ମେଳାରେ ଫ୍ରାନ୍ସ, ଆର୍ଜେଣ୍ଟିନା, ସ୍ପେନ୍ ଓ କଲମ୍ବିଆ ସମେତ ୫୦ରୁ ଊର୍ଦ୍ଧ୍ୱ ଦେଶ ଭାଗ ନେଇଛନ୍ତି ।

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ସମୟରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପର୍ଯ୍ୟାୟ ଉପରେ ପର୍ଯ୍ୟବେସିତ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍

ଚ୍ୟାନେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ। ଚଳିତବର୍ଷ ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଲେଖାଏଁ ଛାତ୍ରଛାତ୍ରୀ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି।

## ମହାକୁମ୍ଭ-ଜଳ ଜୀବନ ମିଶନ

ପ୍ରୟାଗରାଜଠାରେ ଅନୁଷ୍ଠିତ ମହାକୁମ୍ଭ ମେଳାରେ ଗ୍ରାମ୍ୟ ଜୀବନର ନିଛକ ପ୍ରତିଛବି ଭାବେ ଜଳ ଜୀବନ ମିଶନର ଏକ ପ୍ୟାଭିଲିୟନ ସ୍ଥାପନ କରାଯାଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି ଏହି ପ୍ରଦର୍ଶନୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ରାମ୍ୟ ବିକାଶର ବାର୍ତ୍ତା ପ୍ରଦାନ କରୁଛି । ଏହି ଜଳ ଜୀବନ ମିଶନ ପ୍ରୟାସ ବୁନ୍ଦେଲଖଣ୍ଡଠାରେ ପ୍ରତି ଘରକୁ ପାଇପ୍ ଜଳ ଯୋଗାଣର ଏକ ରୂପାନ୍ତରଣ ସୃଷ୍ଟି କରିଛି । ପ୍ରତି ଘରେ ଘରେ ପାଇପ୍ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ୨୦୧୯

ମସିହାରେ ଜଲ ଜୀବନ ମିଶନ ପ୍ରତିଷ୍ଠା କରିଥିଲେ । ଆକାଶବାଣୀ ସମ୍ବାଦ ବିଭାଗକୁ ସାକ୍ଷାତ୍‌କାର ଦେଇ ପରିଦର୍ଶକମାନେ ଜଲ ଜୀବନ ମିଶନକୁ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମ ପଞ୍ଚାୟତ ଉନ୍ନତିକରଣ ଏବଂ ଗ୍ରାମ୍ୟ ସୌରଶକ୍ତି ସଂଯୋଗକୁ ଗୁରୁତ୍ୱ ଦିଆଯାଇଛି । ସ୍ୱଚ୍ଛ, ସୁଜଳ ଗାଁ ଓ ଡିଜିଟାଲ କର୍ଣ୍ଣର ଆଦି ପ୍ରତିଷ୍ଠା ଫଳରେ ଉତ୍ତରପ୍ରଦେଶର ଗାଁ ଗୁଡ଼ିକରେ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିଛି ।

## କାରାବିୟାନ ଆର୍ଥକ୍ୱେକ

କାରବିୟାନ ସାଗରର ଦକ୍ଷିଣ-ପଶ୍ଚିମ କେମ୍ୟାନ୍ ଦ୍ୱୀପ ଅଞ୍ଚଳରେ ଗତକାଲି ୭ ଦଶମିକ ୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା । ଆମେରିକାର ଭୂତତ୍ୱ ସର୍ବେକ୍ଷଣ ସଂସ୍ଥା ଏ ସମ୍ପର୍କରେ ସୂଚନା ଦେଇ କହିଛି ଜର୍ଜ୍ ସହରର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଦିଗରେ ୨୦୯ କିଲୋମିଟର ଦୂର କେମ୍ୟାନ୍ ଦ୍ୱୀପାଞ୍ଚଳରେ ଏହି ଭୂକମ୍ପର ଉତ୍ପତ୍ତିସ୍ଥଳ ଥିବା ଜଣାପଡିଛି । ଭୂକମ୍ପ ପରେ ଆମେରିକାର ଜାତୀୟ ସୁନାମି ସତର୍କ କେନ୍ଦ୍ର ସମ୍ଭାବ୍ୟ ସୁନାମି ନେଇ ସତର୍କ ସୂଚନା ଜାରିକରିଛି । ତେବେ ଆମେରିକାର ମୁଖ୍ୟ ଅଞ୍ଚଳଗୁଡ଼ିକ ପ୍ରତି ସୁନାମିର କୌଣସି ପ୍ରଭାବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ତେବେ କେମ୍ୟାନ୍ ଦ୍ୱୀପର ଉପକୂଳବର୍ତ୍ତୀ

ଅଞ୍ଚଳ ଗୁଡ଼ିକର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ପରାମର୍ଶ ଦିଆଯାଇଛି । ସମୁଦ୍ରରେ ୧ ମିଟର ପାଖାପାଖି ଜୁଆର ଆସିବାର ଆଶଙ୍କା କରାଯାଇଛି । ଡୋମିନିକା ସରକାର ମଧ୍ୟ ସୁନାମି ନେଇ ସତର୍କ ସୂଚନା ଜାରି କରିଛନ୍ତି । ଉପକୂଳ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି । ସମୁଦ୍ର ଭିତରକୁ ନଯିବା ପାଇଁ ଜାହାଜଗୁଡ଼ିକୁ ପରାମର୍ଶ ଦିଆଯାଇଛି । କ୍ୟୁବା ସରକାର ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି ।

## ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମଠାରେ ଭାରତ-ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜ୍‌ର ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଇଂଲଣ୍ଡ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଇଂଲଣ୍ଡ ୫ଓଭରରେ କୌଣସି ଓ୍ୱିକେଟ୍ ନ ହରାଇ ୩୫ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳରେ ଚୂଡାନ୍ତ ତାଲିକାରେ ୩ଟି ପରିବର୍ତ୍ତନ କରାଯାଇଛି । ଆର୍ଚର, ବେଥେଲ ଏବଂ କାର୍ସେଙ୍କ ବଦଳରେ ଉଡ୍, ଆଟିକିନସନ୍ ଏବଂ ଓଭରଟନ୍‌ଙ୍କୁ ସାମିଲ କରାଯାଇଛି ।

ସେହିଭଳି ଭାରତୀୟ ଦଳରେ ମଧ୍ୟ ୨ଟି ପରିବର୍ତ୍ତନ କରାଯାଇଛି । ଯଶସ୍ୱୀ ଜୟସ୍ୱାଲ ଏବଂ କୁଲଦୀପ ସିଂହଙ୍କ ବଦଳରେ ବିରାଟ କୋହଲି ଓ ବରୁଣ ଚକ୍ରବର୍ତ୍ତୀ ଆଜିର ମ୍ୟାଚ୍ ଖେଳୁଛନ୍ତି । ବରୁଣ ଚକ୍ରବର୍ତ୍ତୀ ଭାରତ

ତରଫରୁ ଆଜି ତାଙ୍କର ପ୍ରଥମ ଦିନିକିଆ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳୁଛନ୍ତି ।

ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ୧-୦ରେ ଆଗୁଆ ରହିଛି ।